# Akashvani, Sambalpur

## SAMBALPURI NEWS EVENING BULLETIN

## 25 November 2024- 7.02 pm- 7.12 pm.

*********************************************

୧- ସମବାୟ- ଭାରତୀୟ ସଂସ୍କୃତିର୍ ଆଧାର୍ ବଲି କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ନୂଆଦିଲ୍ଲୀ ନ ବିଶ୍ୱ ସମବାୟ ସମ୍ମିଲନୀକେ କଲେ ଉଦ୍‌ଘାଟନ୍ ।

୨- ସଂସଦ୍‌ର ଶୀତ୍‌କାଲୀନ୍ ଅଧିବେଶନ୍ ହେଲା ମୁଲ୍ ।

- ସମ୍ବିଧାନ୍‌ର ୭୫ ନମ୍ବର୍ ବଛର୍ ଭାରତ୍‌ର ବିଶ୍ୱସ୍ତରୀୟ ମାନ୍ୟତାକେ ବର୍‌କସ୍ କର୍‌ବା କହେଲେ ପ୍ରଧାନ୍‌ମନ୍ତ୍ରୀ ।

୩- ଆଏବା କାଏଲ୍‌ଠାନୁ ମୁଲ୍ ହେବା ବିଧାନ୍‌ସଭାର୍ ଶୀତକାଲୀନ୍ ଅଧିବେଶନ୍ ।

ଆଉର୍

୪- ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ପୁହୁଁଚିଲେ ୟୁରୋପ୍ ଆର୍ ମଧ୍ୟଏସିଆର୍ ପକ୍ଷୀ ।

ପ୍ରଧାନ୍‌ମନ୍ତ୍ରୀ ବିଶ୍ୱ ସମବାୟ ସମ୍ମିଳନୀ ଏନ୍‌ଏସ୍‌ଡି

ସମବାୟ ଗୁଟେ ମୋଡ୍‌େଲ୍ ନୁହେଁ, ଇଟା ଭାରତୀୟ ସଂସ୍କୃତିର୍ ଆଧାର୍ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ଠାନେ ଆଏଜ୍ ଆନ୍ତର୍ଜାତୀୟ ସମବାୟ ମେଂଟ ଆଇ.ସି.ଏ. ର ବିଶ୍ୱ ସମବାୟ ସମ୍ମେଲନ୍‌କେ ଉଦ୍‌ଘାଟନ୍ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଦେଶେ ସମବାୟ ଗୁଟେ ଉପାୟ ନୁ ଆନ୍ଦୋଲନ୍, ଆନ୍ଦୋଲନ୍ ନୁ ବିପ୍ଳବ ଆର୍ ବିପ୍ଳବ୍‌ନୁ ସଶକ୍ତିକରଣ୍‌ର ରୂପ ନେଇଛେ । ଆଏବା ଦିନେ ଭାରତ୍‌ର ଅଭିବୃଦ୍ଧି ଲାଗି ସମବାୟର୍ ବଡ଼୍ ଭୂମିକା ରହେବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ଆନ୍ତର୍ଜାତୀୟ ସମବାୟ ଦିବସ୍ -୨୦୨୫ର ଗୁଟେ ଡାକଟିକଟ୍‌ର ଉନ୍ମୋଚନ୍ କରିଛନ୍ । ଇ ସମ୍ମିଳନୀଥି ଭୁଟାନ୍‌ର ପ୍ରଧାନ୍‌ମନ୍ତ୍ରୀ ଦାସୋ ସେରିଙ୍ଗ୍ ତୋବ୍‌ଗେ ଆର୍ ଫିଜି ର ଉପ ପ୍ରଧାନ୍‌ମନ୍ତ୍ରୀ ମାନୋ କାମିକାମିକା ଆର୍ ଭାରତ୍‌ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଉପସ୍ଥିତ୍ ଥିଲେ ।

୧୮୯୫ ମସିହା ନ ଅନ୍ତରାଷ୍ଟ୍ରୀୟ ସମବାୟ ମେଂଟ ପ୍ରତିଷ୍ଠା କରାଯାଇଥିଲା । ଇ ସଂଗଠନ୍ ପୁର୍‌ଥିର୍ ୩୦ ଲାଖ୍ ସମବାୟ ଉଦ୍ୟୋଗ୍‌ର ପ୍ରତିନିଧିତ୍ୱ କରୁଛେ । ଇଥି ୧ ବିଲିୟନ୍‌ନୁ ଅଏତ୍‌କା ସମବାୟ ସଦସ୍ୟ ଅଛନ୍ ।

ଭାରତ୍ ମଣ୍ଡପମ୍ ନ ଇ ୬ ଦିନିଆ ସମ୍ମେଲନ୍ ନ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍ ଆର୍ ଆଲୋଚନା ସଭା ମାନ୍‌କେ ସାରା ପୁର୍‌ଥିର୍ ସମବାୟ ସମିତି ମାନ୍‌କୁ ଗୁଟେ ମଚା ନ ସାମିଲ୍

କର୍‌ବା । ଇଥି ଦେଶ୍, ବିଦେଶ୍‌ନୁ ପାଖାପାଖି ୩ ହଜାର୍ ପ୍ରତିନିଧି ସାମିଲ୍ ହେବେ ।

ସଂସଦ୍ - ଶୀତ୍‌କାଲୀନ୍ ଅଧିବେଶନ୍ ଏନ୍‌ଏସ୍‌ଡି

ସଂସଦ୍‌ର ଶୀତ୍‌କାଲୀନ୍ ଅଧିବେଶନ୍ ଆଏଜ୍ ଠାନୁ ମୁଲ୍ ହେଇଛେ । ଅଧିବେଶନ୍‌ର ଆରମ୍ଭଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ବିବୃତି ରଖିକରି କହିଛନ୍ ଯେ, ସମ୍ବିଧାନ୍ ପ୍ରଣୟନ୍‌ର ୭୫ ନମ୍ବର୍ ବଛ୍‌ରେ ପ୍ରବେଶ୍ କରୁଛେ । ଗଣତନ୍ତ୍ର ଲାଗି ଇଟା ଗୁଟେ ଗୁରୁତ୍ୱପୂର୍ଣ୍ଣ ସୁଯୋଗ୍ ଆଏ । ସଂସଦ୍ ଲାଗି ଅଏତ୍‌କାନୁ ଅଏତ୍‌କା ଯୋଗଦାନ୍ ନେଇକରି ସୁସ୍ଥ ଆଲୋଚନା କର୍‌ବାର୍ ଦର୍‌କାର୍ । ସମ୍ବିଧାନ୍‌ର ୭୫ ନମ୍ବର୍ ବଛର୍ ଗୌରବ୍ ବଢ଼ାବାର୍ ସହେତେ ଭାରତ୍‌ର ବିଶ୍ୱସ୍ତରୀୟ ମାନ୍ୟତାକେ ବର୍‌କସ୍ କର୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଗଣତାନ୍ତ୍ରିକ ପ୍ରକ୍ରିୟାଥି ଆଏବା ପିଢ଼ିକେ ତୟାର୍ କର୍‌ବାର୍‌ଟା ଏଁ' ପିଢ଼ିର୍ ଦାୟିତ୍ୱ ଆଏ । ଲୁକ୍‌କର୍ ଭାବ୍‌ନାକେ ସମ୍ମାନ୍ ଦେବାର୍ ସହେତେ ସେମାନ୍‌କର୍ ଆଶା ଆର୍ ଆକାଂକ୍ଷାକେ ପୁରା କର୍‌ବାର୍ ଲାଗି ବହୁତ୍‌ଟେ ପରିଶ୍ରମ୍ କର୍‌ବାର୍ ଦର୍‌କାର୍ ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ । ସଂସଦ୍‌ର ଦୁହି ସଦନ୍‌କେ ଆଏବା କାଏଲ୍ ଲାଗି ସ୍ଥଗିତ୍ ରଖାଯାଇଛେ । ଇ ଅଧିବେଶନ୍ ଡିସେମ୍ବର୍ ମାସ ୨୦ ତାରିଖ୍‌ତକ୍ ଚାଲ୍‌ବା ।

ସମ୍ବିଧାନ୍ ଦିବସ୍ ଏନ୍‌ଏସ୍‌ଡି

ଭାରତୀୟ ସମ୍ବିଧାନ୍ ଗ୍ରହଣ୍‌ର ୭୫ ବଛର୍ ପୂର୍ତିକେ ଆଏବା କାଏଲ୍‌ନୁ ବଛ୍‌ରେତକ୍ ସମାରୋହ ସହକାରେ ପାଲନ୍ କର୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍ ଘୋଷ୍‌ନା କରିଛନ୍ । ଇ ବର୍ଷବ୍ୟାପୀ ସମାରୋହ ସାରାଦେଶେ ଆଏବା ବଛର୍ ନଭେମ୍ବର୍ ୨୬ ତାରିଖ୍‌ତକ୍ ଚାଲ୍‌ବା । ୧୯୪୯ ମସିହା ନଭେମ୍ବର୍ ୨୬ ତାରିଖ୍ ଦିନ ଭାରତ୍‌ର ସମ୍ବିଧାନ୍ ସଭାଥି ଗ୍ରହଣ୍ କରାଯାଇଥିବା ସମ୍ବିଧାନ୍ ୧୯୫୦ ମସିହା ଜାନୁଆରୀ ୨୬ ତାରିଖ୍ ଦିନ କାର୍ଯ୍ୟକାରୀ ହେଇଥିଲା ।

ସମାରୋହ ବାବ୍‌ଦେ ସୂଚ୍‌ନା ଦେଇକରି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରନ୍ ରିଜିଜୁ କହିଛନ୍ ଯେ, ନୂଆଦିଲ୍ଲୀ ସମ୍ବିଧାନ୍ ସଦନ୍‌ର କେନ୍ଦ୍ରୀୟ ହଲ୍ ନ ଆଏବା କାଏଲ୍ ଗୁଟେ ବଡ଼ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ । ଇଥି ସଂସଦର୍ ଉଭୟ ଗୃହକେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ବୋଧନ୍ ଦେବେ । ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଆହୁରି ଭିଲ୍ କହିଛନ୍ ଯେ, ଇଟା ଖାଲି ସଂସଦ୍ ଲାଗି ଗୁଟେ ସମାରୋହ ନୁହେଁ, ସାରା ଦେଶ୍ ଲାଗି ଉତ୍ସବ୍ ଆଏ । ଶ୍ରୀ ରିଜିଜୁ ସମ୍ବିଧାନ୍ ଗ୍ରହଣ୍‌ର ୭୫ ବଛର୍ ପୂର୍ତି ଉଲ୍‌ଗୁନେ ହେବାର୍‌କେ ଥିବାର୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେବାର୍ ଲାଗି ଲୁକ୍‌କୁ ଅନୁରୋଧ୍ କରିଛନ୍ । ‘ହମାରା ସମ୍ବିଧାନ୍- ହମାରା

ସ୍ୱାଭିମାନ୍' ଟେଗ୍ ଲାଇନ୍‌କେ ନେଇକରି କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବା । ସମ୍ବିଧାନ୍ ନିର୍ମାତାମାନ୍‌କର୍ ଅବଦାନ୍‌କେ ସମ୍ମାନ୍ ଜନାବାର୍ ଉଦ୍ଦେଶ୍‌ଥି ସମ୍ବିଧାନ୍‌ଥି ଥିବାର୍ ମୁଖ୍ୟ ମୂଲ୍ୟକେ ଦୋହରାବାର୍ ଲାଗି ଇ ସମାରୋହ ଆୟୋଜନ୍ କରାଯାଉଛେ ।

ବିଧାନ୍‌ସଭା ଅଧିବେଶନ୍-ସର୍ବଦଲୀୟ ବୈଠକ୍/ଆର୍‌ଏନ୍‌ୟୁ କଟକ୍

ବିଧାନ୍‌ସଭାର୍ ଶୀତ୍‌କାଲୀନ୍ ଅଧିବେଶନ୍ ଆଏବା କାଏଲ୍‌ନୁ ମୁଲ୍ ହେବା । ଇଥିର୍‌ଲାଗି ଆଏଜ୍ ବିଧାନ୍‌ସଭା ପରିସର୍ ନ ବାଚସ୍ପତି ସୁରମା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ସର୍ବଦଲୀୟ ବୈଠକ୍ ହେଇଛେ । ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍, ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ବିରୋଧୀ ଦଲ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ୍, କଂଗ୍ରେସ୍ ବିଧାୟକ୍ ଦଲର୍ ନେତା ରାମଚନ୍ଦ୍ର କାଡ଼ାମ୍ ଉପସ୍ଥିତ୍ ଥିଲେ ।

ଅଧିବେଶନ୍‌କେ ସୁର୍‌ଖୁରୁଥି ପରିଚାଲନା କର୍‌ବାର୍ ବାବ୍‌ଦେ ବୈଠକ୍‌ଥି ବିସ୍ତାର୍ ଭାବେ ଆଲୋଚନା ହେଇଥିଲା । ଗୃହର୍ ସୁପରିଚାଲନା ଲାଗି ବାଚସ୍ପତି ସମ୍‌କିରିର୍ ମତାମତ ଆର୍ ସହଯୋଗ୍ କାମନା କରିଥିଲେ । ବୈଠକ୍ ବାବ୍‌ଦେ ସୂଚ୍‌ନା

ଦେଇକରି ବାଚସ୍ପତି କହିଛନ୍ ଯେ, ବିଧାନ୍‌ସଭା କାର୍ଯ୍ୟବିଧି, ପରିଚାଳନା ବାବ୍‌ଦେ ହେଇଥିବାର୍ ଆଲୋଚନା ସଫଲ୍ ହେଇଛେ । ଶୃଙ୍ଖଳାର୍ ସହେତେ ବିଧାନ୍‌ସଭା ପରିଚାଳନା ଲାଗି ସବୁ ଦଲର୍ ନେତା ପ୍ରତିଶ୍ରୁତି ଦେଇଛନ୍ ବଲି ବାଚସ୍ପତି କହିଛନ୍ ।

ବିଜେପି ବିଧାୟକ୍ ଦଲର୍ ବୈଠକ୍ ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ବିଜେପି ବିଧାୟକ୍ ଦଲର୍ ବୈଠକ୍ ଅନୁଷ୍ଠିତ୍ ହେଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ବିଜେପି ରାଜ୍ୟ ସଭାପତି ମନ୍‌ମୋହନ୍ ସାମଲ୍, ସଂଗଠନ୍ ସମ୍ପାଦକ୍ ମାନସ୍ ମହାନ୍ତିଙ୍କର୍ ଉପସ୍ଥିତିଥି ହେଇଥିବା ଇ ବୈଠକ୍ ନ ଦଲର୍ ବିଧାୟକ୍‌ମାନେ ଉପସ୍ଥିତ୍ ଥିଲେ । ଆଏବା ଅଧିବେଶନ୍‌ଥି ବିରୋଧୀ ଦଲ୍‌କେ କେନ୍ତେଇକରି ମୁକାବିଲା କରାଯିବା, ସେ ବାବ୍‌ଦେ ରଣନୀତି ତିଆର୍ କରାଯାଇଛେ । ବିରୋଧୀ ଦଲଙ୍କର୍ ସବୁ ଗଠନ୍‌ମୂଲକ୍ ଆଲୋଚନା ଲାଗି ସର୍‌କାର୍ ପ୍ରସ୍ତୁତ୍ ଅଛନ୍ । ଗୃହ ନ ଦଲର୍ ସବୁ ବିଧାୟକ୍ ଉପସ୍ଥିତ୍ ରହିକରି ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନା ଆର୍ କାର୍ଯ୍ୟକ୍ରମ୍ ବାବ୍‌ଦେ ପ୍ରଭାବୀ ଢଙ୍ଗେ ଉପସ୍ଥାପନ୍ କର୍‌ବାର୍‌କେ ଦଲୀୟ ନେତୃବୃନ୍ଦ ପରାମର୍ଶ ଦେଇଛନ୍ ।

ସେଆଡ଼େ ଆଏଜ୍ ସଞ୍ଜ୍‌ବେଲେ ଶଙ୍ଖ ଭବନ୍ ଠାନେ ବିଜେଡ଼ି ବିଧାୟକ୍ ଦଲର୍ ବୈଠକ୍ ଆର୍ ସଞ୍ଜ୍‌ବେଲର୍ ୬ ବଜେ ଉତ୍‌ରୁ କଂଗ୍ରେସ୍ ବିଧାୟକ୍ ଦଲର୍ ବୈଠକ୍ ଆୟୋଜନ୍ ବାବ୍‌ଦେ ଆମର୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା ଜନେଇଛନ୍ ।

ବିଦେଶୀ ପକ୍ଷୀ-ହୀରାକୁଦ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହୀରାକୁଦ୍ ଜଲ୍‌ଭଣ୍ଡାର୍‌କେ ବିଦେଶୀ ପରିବ୍ରାଜକ ପକ୍ଷୀମାନ୍‌କର୍ ଆଏବାର୍‌ଟା ମୁଲ୍ ହେଇଛେ । ଶୀତ୍ ବଢ୍‌ବାର୍ ସହେତେ ପହେଲାକରି ୟୁରୋପ୍ ଆର୍ ମଧ୍ୟଏସିଆର୍ ଗ୍ରେଟ୍‌କ୍ରେଷ୍ଟେଡ୍ ଆର୍ ସିଲ୍‌ଭର୍‌ଗଲ୍ ବାଗିର୍ ଭିନ୍ ଭିନ୍ ପ୍ରଜାତିର୍ ପକ୍ଷୀମାନେ ହଜାର୍ ହଜାର୍ କିଲୋମିଟର୍ ଦୂରର୍ ଦେଶନୁ ହୀରାକୁଦ୍ ଜଲ୍‌ଭଣ୍ଡାର୍‌କେ ଆସୁଛନ୍ । ପକ୍ଷୀମାନ୍‌କର୍ ସୁରକ୍ଷାର୍ ଲାଗି ହୀରାକୁଦ୍ ଜଙ୍ଗଲ୍ ଡିଭିଜନ୍ ତର୍‌ଫୁ ବ୍ୟବସ୍ଥା କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲାବଛର୍ ହୀରାକୁଦ୍ ଜଲ୍‌ଭଣ୍ଡାର୍‌କେ ୩ ଲାଖ୍ ୪୨ ହଜାର୍‌ନୁ ଅଏତ୍‌କା ଶହେ ୧୩ ପ୍ରଜାତିର୍ ପକ୍ଷୀ ଆସିଥିଲେ । ସେଆଡ଼େ ହୀରାକୁଦ୍ ହ୍ରଦକେ ଆନ୍ତର୍ଜାତୀୟ ସଂସ୍ଥା ତର୍‌ଫୁ ରାମ୍‌ସର୍ ଆର୍ଦ୍ରଭୂମି ମାନ୍ୟତା ପ୍ରଦାନ୍ କରାଯାଇଛେ ।

ରେଲ୍‌ମନ୍ତ୍ରୀଙ୍କୁ ଜୁଏଲ୍ ଓରାମ୍‌ଙ୍କର୍ ଧନ୍ୟବାଦ୍   ହିନ୍ଦୁସ୍ଥାନ୍ ସମାଚାର୍

ସୁନ୍ଦର୍‌ଗଡ଼୍ ଜିଲ୍ଲା ରାଜ୍‌ଗାଙ୍ଗ୍‌ପୁର୍ ରେଲ୍‌ଷ୍ଟେସନ୍ ନ ୩ ଟା ଟ୍ରେନ୍‌ର ରହଣୀର୍ ଲାଗି ଅନୁମତି ଦେଇଥିବାର୍‌ନୁ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କେନ୍ଦ୍ର ଆଦିବାସୀ ବ୍ୟାପାର୍ ମନ୍ତ୍ରୀ ଜୁଏଲ୍ ଓରାମ୍ ଧନ୍ୟବାଦ୍ ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ୍ କହିଛନ୍ ଯେ, ଏତ୍‌କେ ରାଜ୍‌ଗାଙ୍ଗ୍‌ପୁର୍ ରେଲ୍‌ଷ୍ଟେସନ୍ ନ ସମ୍ବଲ୍‌ପୁର୍-ଗୋରଖ୍‌ପୁର୍ ମୌର୍ଯ୍ୟ ଏକ୍ସପ୍ରେସ୍, ହାଟିଆ ଏସ୍.ଏମ୍.ଭି.ବି. ଏକ୍ସପ୍ରେସ୍ ଆର୍ ପୁନେ ଆଜାଦ୍ ହିନ୍ଦ୍ ଏକ୍ସପ୍ରେସ୍ ରହଣି ବାବ୍‌ଦର୍ ଦାବିକେ ସ୍ୱିକୃତୀ ମିଲିଛେ ।

କେନ୍ଦ୍ର ସମବାୟ - ପାଇଲଟ୍ ପ୍ରୋଜେକ୍ଟ  ଆର୍‌ଏନ୍‌ୟୁ/ସମ୍ବଲପୁର

ସମ୍ବଲପୁର୍ ଜିଲ୍ଲା ସମବାୟ ବିଭାଗ୍ ତର୍‌ଫୁ ପ୍ରାଥମିକ କୃଷି ସମବାୟ ସମିତିକେ ବହୁମୁଖୀ ସମବାୟ ସମିତିର ରୂପ ଦେବାର୍ ଲାଗି ରାଏଜେ ପହେଲାକରି ପାଇଲଟ୍ ପ୍ରୋଜେକ୍ଟ ମୁଲ୍ ହେଇଛେ । ଇଥିର୍‌ଲାଗି ଜିଲ୍ଲାର୍ ରେମେଡ଼୍ କୃଷି ସମବାୟ ସେବା ସମିତିକେ ବଛାଯାଇଥିବାର୍ ଜନାପଡ଼ିଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ସମବାୟ ମନ୍ତ୍ରଣାଲୟର ଲକ୍ଷ୍ୟ ଅନ୍‌ସାରେ ବହୁମୁଖୀ ସେବା ସମବାୟ

ସମିତିର୍ ୨୫ ପ୍ରକାରର୍ ବ୍ୟବସାୟର୍ ସୁବିଧା କରାଯିବା । ଇନ ପେଟ୍ରୋଲ୍ ପମ୍ପ୍, ଜନଔଷଧି କେନ୍ଦ୍ର, କୃଷି ଯନ୍ତ୍ରପାତି ବ୍ୟବସାୟକେ ଭିଲ୍ ସାମିଲ୍ କରାଯିବା ।

ବାତ୍ୟା କ୍ଷୟକ୍ଷତି - କେନ୍ଦ୍ରୀୟ ଟିମ୍ ଆର୍ଏନ୍ୟୁ/ କଟକ୍

ବାତ୍ୟାଥି ହେଇଥିବାର୍ ନୁକ୍ସାନ୍ର ଆକଲନ୍ ଲାଗି ୭ ଝନିଆ କେନ୍ଦ୍ରୀୟ ଟିମ୍ ଭୁବ୍ନେଶ୍ୱର୍ ନ ପୁହୁଁଚିଛନ୍ । ସେମାନେ ପହେଲା ଖେପେ କେନ୍ଦ୍ରାପଡ଼ା ଆର୍ ଭଦ୍ରକ୍ ଜିଲ୍ଲା ଗସ୍ତ କରିକରି ବାତ୍ୟା 'ଦାନା'ର କ୍ଷୟକ୍ଷତିର୍ ଆକଲନ୍ କରୁଛନ୍ । ଇ ଟିମ୍ ବାଲେଶ୍ୱର୍ ଜିଲ୍ଲା ନ ଚଲ୍ତି ବାତ୍ୟାଥି ହେଇଥିବାର୍ କ୍ଷୟକ୍ଷତି ଅନୁଧ୍ୟାନ୍ କର୍ବେ । କେନ୍ଦ୍ର ଗୃହମନ୍ତ୍ରଣାଳୟର୍ ଯୁଗ୍ମ ସଚିବଙ୍କର୍ ନେତୃତ୍ୱଥି ବରିଷ୍ଠ ଅଧିକାରୀମାନେ ଇ ଟିମ୍ଥି ସାମିଲ୍ ହେଇଛନ୍ ।

ଦୁର୍ଘଟଣା- ବଲାଙ୍ଗିର୍ ହିନ୍ଦୁସ୍ଥାନ୍ ସମାଚାର

ବଲାଙ୍ଗିର୍ ଜିଲ୍ଲା ପାଟ୍ନାଗଡ୍ର ପାଢ଼େଲ୍ ଗାଁ ପାଖେ ଆଏଜ୍ ଉପର୍ବେଲା ଗୁଟେ ସଡ଼କ୍ ଦୁର୍ଘଟଣାଥି ୨ ଝନ୍କର୍ ଜୀବନ୍ ଯାଇଛେ । ଦେଗାଁ ଆଡ଼୍କେ ଯାଉଥିବାର୍ ଗୁଟେ ପିକ୍ଅପ୍ ଭେନ୍ ରାସ୍ତା ତରାର୍ ଗଛେ ପିଟି ହେବାର୍ନୁ ଇ ଦୁର୍ଘଟଣା

ଘଟିଥିଲା । ଦୁର୍ଘଟଣାଥି ପିକ୍ଅପ୍ ଭେନ୍ର ଡ୍ରାଇଭର୍ ଆର୍ ହେଲ୍ପର୍ଙ୍କର୍ ମୃତ୍ୟୁ ହେଇଛେ । ପୁଲିସ୍ ଘଟ୍ନା ଜାଗା ନ ପୁହୁଁଚିକରି ଅନୁସନ୍ଧାନ୍ ମୁଲି କରିଥିବାର୍ ଜନାପଡ଼ିଛେ ।

ଶ୍ରୀବିଗ୍ରହ ପଇତା ଲାଗି ଆର୍ଏନ୍ୟୁ / ସମ୍ବଲପୁର

ଆଏଜ୍ ମଗ୍ଶିର୍ ମାସର୍ ଅନ୍ଧାର୍ ପଖର୍ ଦଶ୍ମି ତିଥିଥି ପୁରୀ ଶ୍ରୀମନ୍ଦିର୍ ଶ୍ରୀବିଗ୍ରହଙ୍କର୍ ପଇତା ଲାଗି ନୀତି ଅନୁଷ୍ଠିତ୍ ହେଉଛେ । ଦ୍ୱିତୀୟ ଭୋଗମଣ୍ଡପ୍ ଭୋଗ ଶେଷ୍ ହେବାର୍ ଉତ୍ରୁ ଇ ନୀତି କରାଯାଉଛେ । ଇଥିର୍ଲାଗି ଉପର୍ବେଲା ୫ ବଜେନୁ ରାତିର୍ ୯ ବଜେତକ୍ ୪ ଘଂଟା ଲାଗି ମାହାପୁରୁଙ୍କର୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ କୁହାଯାଇଛେ ।

ଗଞ୍ଜେଇ ନଷ୍ଟ-ଡିଜିପି ଆର୍ଏନ୍ୟୁ/ କଟକ୍

ଗଞ୍ଜେଇ ଚାଷ୍ ବିରୋଧ୍ ନ ଓଡ଼ିଶା ପୁଲିସ୍ ତର୍ଫୁ ଇ ମାସ ଗୁଟେ ବଡ଼ ଅଭିଯାନ୍ କରାଯାଉଛେ । ରାଜ୍ୟର୍ କେନ୍ କେନ୍ ଜିଲ୍ଲା ନ ବଡ଼ ବଡ଼ ଜଙ୍ଗଲ୍ ଆର୍ ପାହାଡ଼ିଆ ଜମି ରହିଛେ, ସେ ଅନ୍ସାରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ ବାହାଦୂର୍ ଖୁରାନିଆଙ୍କର୍ ନିର୍ଦ୍ଦେଶ୍ ଅନ୍ସାରେ ଗଞ୍ଜେଇ ବିରୋଧୀ ଅଭିଯାନ୍

ଚାଲିଛେ । ଅଭିଯାନ୍‌ଥି ଗଲା ୨୪ ଦିନ୍ ଭିତ୍‌ରେ ୨ ହଜାର୍ ୩ ଶହ ୭୫ ଏକଡ଼୍ ଜମି ନ କରାଯାଇଥିବା ଗଞ୍ଜେଇ ଚାଷ୍‌କେ ନଷ୍ଟ କର୍‌ବାର୍‌ଥି ପୁଲିସ୍ ସକ୍ଷମ୍ ହେଇଛେ । ଇହାଦେତକ୍ ୧୮ ଲାଖ୍‌ନୁ ଅଏତ୍‌କା ଗଞ୍ଜେଇ ଗଛ୍ ନଷ୍ଟ କରାଗଲାନ ।

ପାଣିପାଗ ହି.ସ.

ଆଏବା ୨୪ ଘଂଟାଥି ଓଡ଼ିଶାର୍ ଜିଲ୍ଲାମାନ୍‌କେ ପାଗ୍ ବିଶେଷ୍ ବଦ୍‌ଲିବାର୍ ସମ୍ଭାବନା ନାଇଁନ । ହେଲେ ଆଗ୍‌କେ ୪ ଦିନ୍‌ତକ୍ ତାତି ୨ ନୁ ୪ ଡିଗ୍ରୀ ସେଲ୍‌ସିଅସ୍ ବଢ଼ିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ସେଆଡ଼େ ସୁନ୍ଦର୍‌ଗଡ଼୍, କଲାହାଣ୍ଡି ସହେତେ ଆଉ କେତେଟା ଜିଲ୍ଲା ନ ଆଏବା ୪୮ ଘଂଟା ତକ୍ ହାଲ୍‌କା ନୁ ମଧମ୍ ଧରଣ୍‌ର କୁହୁଡ଼ି ହେବା ବଲି କୁହାଯାଇଛେ ।